# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**20 June - 2024**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜନ୍ମଦିନ ଅବସରରେ ଶୁଭେଚ୍ଛା ଜଣାଇଲେ ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ସମାଜର ବିଭିନ୍ନ ବର୍ଗର ଲୋକ
- ସପ୍ତଦଶ ବିଧାନସଭାର ବାଚସ୍ପତି ହେଲେ ବିଜେପି ସଦସ୍ୟ ସୁରମା ପାଢ଼ୀ
- ଡିପ୍‌ଥେରିଆ ରୋଗରେ ମୃତ୍ୟୁ ସଂଖ୍ୟା ୬କୁ ବୃଦ୍ଧି

– ପ୍ରତିକାର ସ୍ୱରୂପ ଏମ୍.କେ.ସି.ଜି. ହସ୍ପିଟାଲର ଶିଶୁ ବିଭାଗ କର୍ମଚାରୀଙ୍କୁ ପ୍ରଦାନ କରାଗଲା ପ୍ରତିଷେଧକ ଟୀକା

ଏବଂ

- ସ୍କୁଲ ଖୋଲିବା ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ହେବ ନିଷ୍ପତ୍ତି, କହିଲେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

*Desk*

# ରାଷ୍ଟ୍ରପତିଙ୍କ ଜନ୍ମଦିନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ୬୬ ବର୍ଷ ପଦାର୍ପଣ କରିଛନ୍ତି । ୧୯୫୮ ମସିହା ଜୁନ୍ ୨୦ ତାରିଖରେ ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜ ଜିଲ୍ଲାର ଉପରବେଡ଼ା ଗାଁରେ ଜନ୍ମ ଗ୍ରହଣ କରିଥିଲେ । ରାଷ୍ଟ୍ରପତି ଜନ୍ମଦିନ ଅବସରରେ ଆଜି ଦିଲ୍ଲୀସ୍ଥିତ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି । ସେ ସାମାଜିକ ଗଣମାଧ୍ୟମ ଜରିଆରେ ଦେଶବାସୀଙ୍କ କଲ୍ୟାଣ କାମନା କରିଛନ୍ତି ।

ଜନ୍ମଦିନ ଅବସରରେ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି । ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରମୁଖ ରାଷ୍ଟ୍ରପତିଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଦୀର୍ଘ ଏବଂ ନିରାମୟ ଜୀବନ କାମନା କରିଛନ୍ତି ।

***BBSR***

## ବାଚସ୍ପତି ନିର୍ବାଚିତ

ସପ୍ତଦଶ ବିଧାନସଭାର ବାଚସ୍ପତି ଭାବେ ସୁରମା ପାଢ଼ୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବାହ୍ନ ୧୧ଟା ବେଳେ ବାଚସ୍ପତି ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି

ପଦବୀ ପାଇଁ ସୁରମା ପାଢ଼ୀଙ୍କ ନାମ ପ୍ରସ୍ତାବ ସଂକ୍ରାନ୍ତ ମୋସନ୍ ଗୃହରେ ଆଗତ କରିଥିଲେ। ଏହି ପ୍ରସ୍ତାବକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଓ ଦୁଇ ଉପମୁଖ୍ୟମନ୍ତ୍ରୀ ସମର୍ଥନ ଜଣାଇଥିଲେ। ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଓ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ସର୍ବସମ୍ମତିକ୍ରମେ ବାଚସ୍ପତି ଭାବେ ନିର୍ବାଚିତ ହେବା ପରେ ଉଭୟ ଶାସକ ଏବଂ ବିରୋଧୀ ଦଳର ସଦସ୍ୟମାନେ ଶ୍ରୀମତୀ ପାଢ଼ୀଙ୍କୁ ବାଚସ୍ପତିଙ୍କ ଆସନ ନିକଟକୁ ପାଛୋଟି ନେଇଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ସୁରମା ପାଢ଼ୀ ଗୃହର ମର୍ଯ୍ୟାଦା ଏବଂ ଗରିମା ରକ୍ଷା କରିବା ପାଇଁ ଯଥାସମ୍ଭବ ପ୍ରୟାସ କରିବେ ବୋଲି କହିଥିଲେ। ଏଥିପାଇଁ ସେ ଦଳମତ ନିର୍ବିଶେଷରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

ସୂଚନାଯୋଗ୍ୟ, ବାଚସ୍ପତି ନିର୍ବାଚନ ପାଇଁ ଧାର୍ଯ୍ୟ ହୋଇଥିବା ସମୟସୀମା ଗତକାଲି ମଧ୍ୟାହ୍ନ ୧୨ଟା ସୁଦ୍ଧା ବିଜେପି ପକ୍ଷରୁ ସୁରମା ପାଢ଼ୀ ନାମାଙ୍କନପତ୍ର ଦାଖଲ କରିଥିଲେ। ତାଙ୍କ ବ୍ୟତୀତ ଅନ୍ୟ କେହି ପ୍ରାର୍ଥୀପତ୍ର ଦାଖଲ କରି ନ ଥିଲେ।

***HS***

## ରାଜ୍ୟପାଳ-ଉପରାଷ୍ଟ୍ରପତି ସାକ୍ଷାତ

ରାଜ୍ୟପାଳ ରଘୁବର ଦାସ ଆଜି ନୂଆଦିଲ୍ଲୀଠାରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କୁ ସାକ୍ଷାତ କରିଥିଲେ। ସାମାଜିକ ଗଣମାଧ୍ୟମରେ

ପୋଷ୍ଟ କରି ରାଜ୍ୟପାଳ ଶ୍ରୀ ଦାସ କହିଛନ୍ତି, ଉପରାଷ୍ଟ୍ରପତିଙ୍କୁ ସେ ଔପଚାରିକ ସାକ୍ଷାତ କରିବା  ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ ।

***Desk***

## ବଜେଟ୍ ପ୍ରସ୍ତୁତି ମତାମତ

ଚଳିତ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ପ୍ରସ୍ତୁତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମାଜର ସବୁ ବର୍ଗର ଲୋକଙ୍କଠାରୁ ମତାମତ ଆହ୍ୱାନ କରିଛନ୍ତି । ବଜେଟ୍ ପ୍ରସ୍ତୁତିରେ ସାଧାରଣ ଲୋକଙ୍କ ମତାମତକୁ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏଥିପାଇଁ ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ୱେବପୋର୍ଟାଲ ଖୋଲାଯାଇଛି । ଏଥିସହ ଇ-ମେଲ୍, ହ୍ୱାଟସଆପ୍ ଓ ଏସ୍ଏମ୍ଏସ୍ ମାଧ୍ୟମରେ ମଧ୍ୟ ମତାମତ ସଂଗ୍ରହ କରାଯାଉଛି । ଜନସାଧାରଣ ଆଜିଠାରୁ ଆସନ୍ତା ମାସ ୫ ତାରିଖ ପର୍ଯ୍ୟନ୍ତ ସେମାନଙ୍କର ମତାମତ ପଠାଇପାରିବେ ବୋଲି ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି ।

***Desk***

## ଶ୍ରମିକଙ୍କୁ ସୁବିଧା

ରାଜ୍ୟ ସରକାର ଶ୍ରମିକଙ୍କୁ ସମସ୍ତ ସରକାରୀ ସୁବିଧା, ସୁଯୋଗ ଓ ସହାୟତା ପ୍ରଦାନ କରିବା ପାଇଁ ଆନୁସଙ୍ଗିକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି । ଏକ ସମୀକ୍ଷା ବୈଠକରେ  ଯୋଗଦେଇ ମନ୍ତ୍ରୀ ଶ୍ରୀ ସିଂ ଖୁଣ୍ଟିଆ ରାଜ୍ୟରେ ରହିଥିବା

ଅଣପଞ୍ଜୀକୃତ କାରଖାନା ଏବଂ କ୍ଷୁଦ୍ର କର୍ମଶାଳାଗୁଡ଼ିକୁ ନିୟମିତ ବ୍ୟବଧାନରେ ଯାଞ୍ଚ କରିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରମିକଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ପାରିଶ୍ରମିକ ପ୍ରଦାନ କରିବା ଉପରେ ସେ ଗୁରୁତ୍ୱ କରିଥିଲେ । ରାଜ୍ୟକୁ ଶିଶୁ ଶ୍ରମିକ ମୁକ୍ତ କରିବା ପାଇଁ ଜନସଚେତନତା ସୃଷ୍ଟି ଦିଗରେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି । ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସେ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

***Desk***

## ଗରିବ କଲ୍ୟାଣକାରୀ ଯୋଜନା ବୈଠକ

ରାଜ୍ୟବାସୀଙ୍କ ଉନ୍ନତି ତଥା ଗରିବ ଲୋକଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ କଲ୍ୟାଣକାରୀ ଯୋଜନାକୁ ସମାଜର ତଳସ୍ତର ପର୍ଯ୍ୟନ୍ତ ପହଁଞ୍ଚାଇବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଲୋକସେବା ଭବନରେ ଗତକାଲି ଅନୁଷ୍ଠିତ ବିଭାଗୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ନାୟକ କହିଛନ୍ତି, ରାଜ୍ୟ ସରକାର ଦାଦନ ସମସ୍ୟା ଦୂର ପାଇଁ କ୍ଷେତ୍ର ସ୍ତରରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି ।

*HS*

## ଡିପ୍‌ଥେରିଆ ମୃତ୍ୟୁ

ରାଜ୍ୟରେ ଡିପ୍‌ଥେରିଆ ରୋଗରେ ଆଉ ଜଣଙ୍କର ମୃତ୍ୟୁ ହୋଇଛି । ଏଥିସହ ମୃତ୍ୟୁସଂଖ୍ୟା ୬ରେ ପହଁଞ୍ଚିଛି । ବ୍ରହ୍ମପୁର ଏମ୍.କେ.ସି.ଜି. ମେଡିକାଲ କଲେଜ ହସ୍ପିଟାଲରେ ଏହି ରୋଗରେ ଚିକିତ୍ସିତ ହେଉଥିବା ୧୦ ବର୍ଷର ଜଣେ ଶିଶୁର ଗତ ସନ୍ଧ୍ୟାରେ ମୃତ୍ୟୁ ହୋଇଛି । ରାୟଗଡ଼ା ଏବଂ କୋରାପୁଟ ଜିଲ୍ଲାରେ ଡିପ୍‌ଥେରିଆ ରୋଗୀଙ୍କର ସଂଖ୍ୟା ବୃଦ୍ଧି ପାଉଥିବା ଜଣାପଡ଼ିଛି । ଏହି ଜିଲ୍ଲାରୁ ଅଧିକ ରୋଗୀ ଚିକିତ୍ସା ପାଇଁ ଏମ୍.କେ.ସି.ଜି. ମେଡିକାଲ ହସ୍ପିଟାଲରେ ପହଁଞ୍ଚୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ହସ୍ପିଟାଲର ଶିଶୁ ବିଭାଗର ୨୩ ଜଣ କର୍ମଚାରୀଙ୍କୁ ଟୀକା ପ୍ରଦାନ କରାଯାଇଛି ବୋଲି ବିଭାଗୀୟ ପ୍ରଫେସର ଡାକ୍ତର ନରେନ୍ଦ୍ର ବେହେରା ସୂଚନା ଦେଇଛନ୍ତି । ଏପରିକି ଚିକିତ୍ସାଧୀନ ଥିବା ଶିଶୁଙ୍କର ସମ୍ପର୍କୀୟଙ୍କୁ ମଧ୍ୟ ଏହି ଟୀକା ପ୍ରଦାନ କରାଯାଇଥିବା ନେଇ ସେ ସୂଚନା ଦେଇଛନ୍ତି । ହସ୍‌ପିଟାଲର ଆଉ କେତେକ ଜଣ କର୍ମଚାରୀଙ୍କୁ ଆଜି ଟୀକା ପ୍ରଦାନ କରାଯିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଡାକ୍ତର ବେହେରା କହିଛନ୍ତି ।

*HS*

## ଆନ୍ତର୍ଜାତିକ ଯୋଗଦିବସ

ଆନ୍ତର୍ଜାତିକ ଯୋଗ ଦିବସର ଦଶମ ସଂସ୍କରଣ ଆସନ୍ତାକାଲି ପାଳନ କରାଯିବ । ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି ।

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସକାଳ ୭ଟାରେ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବେ। ଶ୍ରୀ ମାଝୀଙ୍କ ସହ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମଧ୍ୟ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ନୂଆପଲ୍ଲୀସ୍ଥିତ କସ୍ତୁରବା ସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ହେବାକୁ ଥିବା ସମାରୋହରେ ଯୋଗଦେବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ସାଂସଦ ସମ୍ବିତ ପାତ୍ର କୋଣାର୍କଠାରେ ଆୟୋଜିତ ହେବାକୁ ଥିବା ଯୋଗଦିବସ କାର୍ଯ୍ୟକ୍ରମରେ ଯୋଗଦେବେ। ବାଚସ୍ପତି ସୁରମା ପାଢ଼ୀ ନୟାଗଡ଼ରେ ଏବଂ ରାଜ୍ୟ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟ, ସାଂସଦ ଏବଂ ବିଧାୟକ ବିଭିନ୍ନ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବେ।

***HS***

## ବିଦ୍ୟାଳୟ ଖୋଲିବା ନିଷ୍ପତ୍ତି

ରାଜ୍ୟରେ ଗ୍ରୀଷ୍ମ ପ୍ରକୋପକୁ ଦୃଷ୍ଟିରେ ରଖି ସ୍କୁଲ ଖୋଲିବା ଅଥବା ସମୟ ନିର୍ଘଣ୍ଟରେ ପରିବର୍ତ୍ତନ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ସେ କହିଛନ୍ତି, ପରିସ୍ଥିତି ଦେଖି ସକାଳୁଆ ସ୍କୁଲ କିମ୍ବା ଆବଶ୍ୟକ ପଡ଼ିଲେ ସ୍କୁଲ ବନ୍ଦ ରଖିବାକୁ ଜିଲ୍ଲାପାଳଙ୍କୁ ଦିଆଯାଇଥିବା ନିର୍ଦ୍ଦେଶ ଏବେ ମଧ୍ୟ ବଳବତ୍ତର ରହିଛି। ସେ କହିଛନ୍ତି,

# - V/O –

***Puri***

## ଦଇତାପତି ସେବକ

ପୁରୀ ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କର ସ୍ନାନଯାତ୍ରା, ଅଣସର ନୀତି, ଶ୍ରୀଗୁଣ୍ଡିଚା, ବାହୁଡ଼ା, ସୁନାବେଶ ଓ ନୀଳାଦ୍ରୀ ବିଜେ ନୀତି ପାଇଁ ଦଇତାପତି ମାନେ ଆଜିଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀଜୀଉଙ୍କ ଶ୍ରୀଅଙ୍ଗ ସେବକ ଯୋଗୁଁ ଆଜି ସକାଳୁ ସେମାନେ ଶ୍ରୀମନ୍ଦିରକୁ ଯାଇ ସେନାପଟା ନିର୍ମାଣରେ ନିୟୋଜିତ ହୋଇଛନ୍ତି।

ଆଗାମୀ ରଥଯାତ୍ରା ପାଇଁ ଶ୍ରୀମନ୍ଦିରକୁ ଆଜି ଦଇତାପତି ମାନେ ପ୍ରବେଶ କରିଛନ୍ତି। ଆଜିଠାରୁ ଦୀର୍ଘ ୧ ମାସ ଧରି ମହାପ୍ରଭୁଙ୍କର ମହାପ୍ରଭୁଙ୍କ ରଥଯାତ୍ରା ନେଇ ଦଇତାପତି ମାନେ ବଉଳକାଠରେ ସେନାପଟା ନିର୍ମାଣ କାର୍ଯ୍ୟ ଆଜିଠାରୁ ଆରମ୍ଭ କରିବେ।

***Balangir***

## ଶିଶୁ ଶ୍ରମିକ ନିରାକରଣ ଜନସଚେତନତା ରଥ

କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ଏବଂ ରାଜ୍ୟ ଶ୍ରମ ବିଭାଗ ଆନୁକୂଲ୍ୟରେ ଶିଶୁ ଶ୍ରମିକ ବିରୋଧରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ବଲାଙ୍ଗୀରଠାରେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ବଲାଙ୍ଗୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ଏହି ସଚେତନତା ରଥ

ଜିଲ୍ଲାର ସମସ୍ତ ମ୍ୟୁନିସିପାଲ୍‌ଟି, ଏନ୍‌ଏସି ଏବଂ ବିଭିନ୍ନ ଗ୍ରାମକୁ ଯାଇ ଶିଶୁଙ୍କୁ ଶ୍ରମ କ୍ଷେତ୍ରରେ ନିୟୋଜିତ ନ କରିବା ପାଇଁ ପରାମର୍ଶ ଦେବ। ଶିକ୍ଷା ମାଧ୍ୟମରେ ଶିଶୁଙ୍କର ଭବିଷ୍ୟତ ଉଜ୍ଜ୍ୱଳ କରାଯିବା ସହ ସୁସ୍ଥ ସମାଜ ଏବଂ ବିକଶିତ ଭାରତ ଗଠନ ପାଇଁ ସମସ୍ତଙ୍କ ପ୍ରୟାସ ଉପରେ ଏହି ସଚେତନତା ରଥ ମାଧ୍ୟମରେ ବାର୍ତ୍ତା ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରମ ବିଭାଗ ପକ୍ଷରୁ କୁହାଯାଇଛି।

***CTC***

## ଶ୍ରୀମନ୍ଦିର ଜମି ବିକ୍ରି ମାମଲା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତି ବିକ୍ରି ନେଇ ଜାରି ହୋଇଥିବା ଅଧ୍ୟାଦେଶ ବିରୋଧରେ ଆଗତ ମାମଲାରେ ନିର୍ଦ୍ଦେଶ ମୁତାବକ ଜବାବ ଦାଖଲ କରା ନ ଯିବାରୁ ଓଡ଼ିଶା ହାଇକୋର୍ଟ ଶ୍ରୀମନ୍ଦିର ପ୍ରଶାସନ ଉପରେ ୧୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ସପ୍ତାହକ ମଧ୍ୟରେ ଏହି ଅର୍ଥ ଜମା କରିବାକୁ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଏବଂ ଜଷ୍ଟିସ ସାବିତ୍ରୀ ରଥଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଆଗତ ମାମଲାର ପ୍ରାଥମିକ ଶୁଣାଣି କରି ହାଇକୋର୍ଟ ମହାପ୍ରଭୁଙ୍କ ଜମି ବିକ୍ରି ଖଦି ସଂକ୍ରାନ୍ତ ତଥ୍ୟ ଦାଖଲ କରିବାକୁ ଶ୍ରୀମନ୍ଦିର ପ୍ରଶାସନକୁ ନୋଟିସ୍ ଜାରି କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦାଖଲ କରାଯାଇଥିବା ଜବାବରେ ହାଇକୋର୍ଟ ମାଗିଥିବା ତଥ୍ୟ ସଂକ୍ରାନ୍ତରେ କୌଣସି ସୂଚନା ଦିଆଯାଇ ନ ଥିଲା। ଏ

ନେଇ ସାନି ସତ୍ୟପାଠ ଦାଖଲ କରିବାକୁ ପୂର୍ବରୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

**********************************